## ମହିଳାଙ୍କ ଆକସ୍ମିକ ମୃତ୍ୟୁ, କାରଣ ଅସ୍ପଷ୍ଟ

ନୀଳଗିରି, ୧୬।୬(ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମଛୁଆ ପଞ୍ଚାୟତ ସାନକାଳିଆପଦା ଗ୍ରାମର ଜଣେ ଆଦିବାସୀ ମହିଳାଙ୍କ ଆକସ୍ମିକ ମୃତ୍ୟୁ ହୋଇଛି। ହେଲେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ସୂଚନା ଅନୁଯାୟୀ, ୬ ମାସ ପୂର୍ବରୁ ସ୍ୱାମୀଙ୍କ ଦେହାନ୍ତ ହୋଇଥିବା ବେଳେ ନୀତି ସିଂ (୩୮) ନାମ୍ନୀ ମହିଳା ଦିନମଜୁରିଆ ଭାବେ କାର୍ଯ୍ୟ କରି ଚଳୁଥିଲେ। ହେଲେ ରବିବାର ସକାଳୁ ତାଙ୍କ ମୃତଦେହ ଘର ସମ୍ମୁଖରେ ପଡିଥିବା ପଡୋଶୀମାନେ ଦେଖି ନୀଳଗିରି ପୋଲିସକୁ ଖବର ଦେଇଥିଲେ। ନୀଳଗିରି ପୋଲିସ ପହଞ୍ଚି ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା(ନଂ. ୨୮/୨୪) ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି। ନୀତିଙ୍କର ମୁଣ୍ଡର ପଛ ଭାଗ ଓ ଆଖିପତାରେ ଆଘାତ ଲାଗି ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି। ତାଙ୍କୁ କେହି ହତ୍ୟା କରିଥିବା ଅଞ୍ଚଳବାସୀ ସନ୍ଦେହ କରିଛନ୍ତି। ଶନିବାର ରାତିରେ ଗ୍ରାମରେ ଉଡା ପର୍ବ ଚାଲୁଥିବା ବେଳେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏଭଳି ଘଟଣା ଘଟାଇଥିବା ସନ୍ଦେହ କରାଯାଉଛି। ଶବ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ଡାକ୍ତରଖାନା ନିଆଯାଇଛି।

# ଜାତୀୟ ରାଜପଥ ଅବରୋଧ ପାଇଁ ଚେତାବନୀ

**ଅଣ୍ଡରପାଶ ନିର୍ମାଣ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର**

ବଇଣ୍ଡା, ୧୬।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ନିର୍ମାଣ ହେଉଥିବା ଅଣ୍ଡରପାଶ ବ୍ରିଜ୍ ଆଉ ୩ଟି ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି। ଗ୍ରାମବାସୀଙ୍କ ପକ୍ଷରୁ ଏ ନେଇ ବହୁବାର ଦାବି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଏ ନେଇ ରବିବାର ବଇଣ୍ଡା ଗ୍ରାମ ଉପସଭାପତି ଅରବିନ୍ଦ ସାହୁ, ଆଇନଜୀବୀ ଘନଶ୍ୟାମ ବେହେରା, ଲୁଲୁ ସାହୁ, ବୀରବର ପ୍ରଧାନ ଏକ ପ୍ରତିନିଧି ମଣ୍ଡଳୀ ସମ୍ବଲପୁରଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ବଇଣ୍ଡା ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ। ଦୁର୍ଘଟଣାକୁ ଏଡାଇବା ପାଇଁ ଏନ୍ଏଚ୍ ପକ୍ଷରୁ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଉଛି। ହେଲେ ଏହି ବ୍ରିଜ ନିର୍ମାଣ ଯୋଗୁ ବଇଣ୍ଡାରେ ବ୍ୟବସାୟ ଉପରେ ପ୍ରବାହ ପଡୁଛି। ଦେଢ କି.ମି. ବ୍ରିଜ୍ ନିର୍ମାଣ ହେଉଥିବାବେଳେ ଆବଶ୍ୟକ ଅଣ୍ଡରପାଶ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଉ ନାହିଁ। ଆଠମଲ୍ଲିକ ରାସ୍ତାକୁ ଯାତାୟାତ ପାଇଁ ଗୋଟିଏ ଫ୍ଲାଏ ଓଭର ବ୍ରିଜ୍ (ଅଣ୍ଡରପାଶ) ନିର୍ମାଣ କରାଯାଇଥିବାବେଳେ ଆଉ ୨ଟି ମେଡ଼ିକାଲ ଓ ରେଳ ଷ୍ଟେଶନକୁ ଯାତାୟାତ ପାଇଁ ନିର୍ମାଣ କରାଯାଇଛି। ହେଲେ ଛକରେ ଆଉ ୩ଟି ଫ୍ଲାଏ ଓଭର ବ୍ରିଜ (ଅଣ୍ଡରପାଶ) ନିର୍ମାଣ ପାଇଁ ଦାବି ହୋଇଆସୁଛି। ବଇଣ୍ଡା ଏକ ମୁଖ୍ୟ ବ୍ୟବସାୟିକ କେନ୍ଦ୍ର ହୋଇଥିବାବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ବିଦ୍ୟାଳୟ ରହିଛି। ସେ ଗୁଡିକକୁ ଯିବା ଆସିବା ପାଇଁ ଛାତ୍ରୀଛାତ୍ରମାନେ ଅସୁବିଧା ସମ୍ମୁଖୀନ ହେବେ। ଏପରିକି ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ୍ୟ ବସଷ୍ଟାଣ୍ଡକୁ ବସ୍ ଯିବା ଆସିବା ପାଇଁ ଅସୁବିଧା ସୃଷ୍ଟି ହେବ। ଟ୍ରାଫିକ ସମସ୍ୟା ଅଧିକ ଜଟିଳ ହେବ। ଏଥିପାଇଁ ଆଉ ୩ଟି ଫ୍ଲାଏ ଓଭର ବ୍ରିଜ (ଅଣ୍ଡରପାଶ) ନିର୍ମାଣ ପାଇଁ ଦାବି ହେଉଛି। ଏ ନେଇ ଗ୍ରାମବାସୀ ତା ୩୦।୦୪।୨୦୨୪ରେ ଏକ ଦାବିପତ୍ର ଏନ୍ଏଚ୍ଆଇ ପିଡିଙ୍କୁ ପ୍ରଦାନ କରିବା ପରେ ପିଡି ବଇଣ୍ଡା ଗ୍ରାମକୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ତା ୧୦।୦୫।୨୦୨୪ରେ ବଇଣ୍ଡା ସମ୍ପୂର୍ଣ୍ଣ ବନ୍ଦ କରି ଗ୍ରାମବାସୀ ଆନ୍ଦୋଳନ କରିଥିଲେ। ଏପରିକି ଭୋଟ ବର୍ଜନ ପାଇଁ ଡାକରା ଦେଇଥିବାବେଳେ ଏନ୍ଏଚ୍ଏଆଇ ପକ୍ଷରୁ ୧୫।୫।୨୦୨୪ରେ ଏନ୍ଏଚ୍ଏଆଇର ରିଜିଓନାଲ ଅଫିସର (ଆରଓ)ବିରେନ୍ଦ୍ର ସିଂ, ସମ୍ବଲପୁର ପିଡି ଏସ ଦେହୁରି ଆସି ବଇଣ୍ଡା ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ୫୦ ମିଟର ଛାଡି ରାସ୍ତା କାମ କରିବା ପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଠିକାସଂସ୍ଥା ଏହା ନ ମାନି ଅନ୍ୟ ପାର୍ଶ୍ୱରେ ରାସ୍ତା କାମ ଆରମ୍ଭ କରିଥିବା ଯୋଗୁ ପୁଣି ଅସନ୍ତୋଷ ଦେଖାଦେଇଛି। ସେହିପରି ବଇଣ୍ଡାଠାରେ ଥିବା ଯାତ୍ରୀ ବିଶ୍ରାମଗାର ଦୀର୍ଘ ୬ ବର୍ଷ ହେବ ଭଙ୍ଗା ଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ମାଣ କରାଯାଇ ନାହିଁ। ପ୍ରତ୍ୟେକ ଦିନ ଆଶପଣ୍ଡ ପାଉଁଶ ଉଡୁଥିବା ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ୫୫ନଂ. ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ବଇଣ୍ଡା ଗ୍ରାମବାସୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ହାତୀ ଆକ୍ରମଣରେ ମହିଳା ଗୁରୁତର

କାମାକ୍ଷାନଗର, ୧୬।୬(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମୁକ୍ତାପଶି ଗ୍ରାମରେ ରବିବାର ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ହେଲେ ରଚନା ନାୟକ (୨୪)। ରଚନା ସକାଳେ ପରିଶ୍ରା ପାଇଁ ଘର ପାଖକୁ ଯାଇଥିବାବେଳେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

## ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୧୬।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ବଅଁରନାଳି ଗ୍ରାମର ତୁଳା ଦେହୁରିଙ୍କୁ ସେହି ଗ୍ରାମର ବାରି ଦେହୁରି ମାଡ଼ ମାରିଥିବା ଶନିବାର କିଶୋରନଗର ଥାନା ରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୩୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଉଭୟଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଏହାକୁ ନେଇ ତୁଳାଙ୍କୁ ଏକ ବାଡି ମାଧ୍ୟମରେ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ମା' ବାୟାଣୀଙ୍କୁ ଦର୍ଶନ କଲେ ଛେଣ୍ଡିପଦା ବିଧାୟକ



ଛେଣ୍ଡିପଦା, ୧୬।୬(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ପାତ୍ରପଡାଠାରେ ଥିବା ମା' ବାୟାଣୀ ଠାକୁରାଣୀଙ୍କୁ ରବିବାର ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଦର୍ଶନ କରି ଆର୍ଶୀବାଦ ଭିକ୍ଷା କରିଛନ୍ତି। ପ୍ରଥମେ ବିଧାୟକ ପୀଠରେ ପହଞ୍ଚିବା ପରେ କର୍ମୀଙ୍କ ଗହଣରେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ବିଧାୟକଙ୍କ ସହିତ ପାତ୍ରପଡା ସରପଞ୍ଚଙ୍କ ପ୍ରତିନିଧି ହିମାଂଶୁ ସ୍ୱାଇଁ, ସମିତିସଭ୍ୟ ଦୀପକ କୁମାର ସାହୁ, ପୂର୍ବତନ ସରପଞ୍ଚ ଯୋଗେଶ୍ୱର ସାହୁ, ରତ୍ନାକର ପ୍ରଧାନ, ଯୁଗଳ କିଶୋର ସାହୁ, ଅଜିତ ସାହୁ, ଦାମ ବେହେରା, ଅକ୍ଷୟପାଦ ବେହେରାଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ। ପରେ ବିଧାୟକ ପିପଳବାହାଳ, ଡ଼ଙ୍ଗାପାଳ, ନୁଆଗାଁ, ଖାମର ଆଦି ଗ୍ରାମକୁ ଯାଇ ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଏହାପରେ ନୁଆଗାଁସ୍ଥିତ ବାବା ଅଲେଖ ଦାସଙ୍କ ମହିମା ମଠକୁ ଯାଇ ବାବାଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ। ମଠରେ ବାବା ଅଜୟ ତ୍ୟାଗୀ, ଭାଜପା କର୍ମୀ ରଣଜିତ ସାହୁ, ଗୋବିନ୍ଦ ସାହୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ଦାନ୍ତ ଉପାଡିବାକୁ ଆସି ବୃଦ୍ଧାଙ୍କ ମୃତ୍ୟୁ ଅଭିଯୋଗ

ଅନୁଗୋଳ, ୧୬।୬

ଦାନ୍ତ ଉପାଡିବାକୁ ଆସି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଅନୁଗୋଳ ଜିଲା ସମଲ ବ୍ୟାରେଜ ଅଞ୍ଚଳର ମୀନା ଦାସ(୬୫)। ମୀନାଙ୍କ ପୁଅ ଗୋପାଳ ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ମୀନାଙ୍କ ଦାନ୍ତ ବିନ୍ଧିବାରୁ ସେ ଗତ ୧୨ ତାରିଖରେ ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ ଘରୋଇ ଦାନ୍ତ କ୍ଲିନିକକୁ ଯାଇଥିଲେ। ସେଠାରେ ଡାକ୍ତର କିଛି ଔଷଧ ଦେଇ ୪ ଦିନ ପରେ ଆସିବାକୁ ପରାମର୍ଶ ଦେଇଥିଲେ। ମୀନାଙ୍କ ପୁଅ ଗୋପାଳ ଦାସ ମା'ଙ୍କୁ ନେଇ ରବିବାର କ୍ଲିନିକକୁ ଆସିଥିଲେ। ଦାନ୍ତ ଉପୁଡ଼ା ପୂର୍ବରୁ ଡାକ୍ତର ଆନାସ୍ଥେସିଆ ଇଞ୍ଜେକ୍ସନ ଦେଇଥିଲେ। ଏହି ଇଞ୍ଜେକ୍ସନ ନେବା ପରେ ମୀନାଙ୍କ ମୁଣ୍ଡ ବୁଲାଇଥିଲା। ତେଣୁ ଡାକ୍ତର ମୀନାଙ୍କୁ ଆଉ ଗୋଟିଏ ଇଞ୍ଜେକ୍ସନ ଦେଇଥିଲେ। ଏହାପରେ ମୀନା ଚୌକିରୁ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଏକ ଘରୋଇ ନର୍ସିଂହୋମ ଓ ପରେ ସରକାରୀ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସରକାରୀ ଡାକ୍ତରଖାନାରେ ଡାକ୍ତର ମୀନାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଡାକ୍ତର କୌଣସି ପରୀକ୍ଷା ନିରୀକ୍ଷା ବା ସ୍ୱାସ୍ଥ୍ୟ ଯାଞ୍ଚ ନ କରି ଇଞ୍ଜେକ୍ସନ ଦେବାରୁ ମୀନାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପୁଅ ଗୋପାଳ ଅଭିଯୋଗ କରିଛନ୍ତି।

# ଏମ୍‌ପି, ବିଧାୟକଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା



ପାଲଲହଡା, ୧୬।୬(ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ନାଗରିକ ସମାଜ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ରବିବାର ନବନିର୍ବାଚିତ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଓ ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସନ୍ଧ୍ୟାରେ ଉଭୟ ଏମ୍‌ପି ଓ ବିଧାୟକ ସ୍ଥାନୀୟ ଜାତୀୟ ରାଜପଥ ଡାକ ବଙ୍ଗଳାଠାରେ ପହଞ୍ଚିବା ପରେ ପାଲଲହଡାର ତିନୋଟି ଯାକ ମଣ୍ଡଳର ଭାଜପା କର୍ମୀମାନେ ଉଭୟଙ୍କୁ ସ୍ୱାଗତ କରି ଏକ ପଟୁଆରରେ ସମ୍ବର୍ଦ୍ଧନା ସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏମ୍‌ପି ରୁଦ୍ରନାରାୟଣ ଓ ବିଧାୟକ ଅଶୋକ ପହଞ୍ଚିବା ପରେ ପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀରାମ ଚନ୍ଦ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରିଥିଲେ। ସେଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଉଭୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପାଲଲହଡା କାର୍ଯ୍ୟରତ ସାମ୍ବାଦିକ ସଂଘ ସଭାପତି ଖଗେଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଦିବ୍ୟଜ୍ୟୋତି ଦାଶ, ଉପଦେଷ୍ଟା ଦେବଦତ୍ତ ସାହୁ, ଶିବପ୍ରସାଦ ଆଚାର୍ଯ୍ୟ, ପ୍ରିତୀମଞ୍ଜରୀ ମହାନ୍ତି, ଖଗେଶ୍ୱର ମହାନ୍ତ ପ୍ରମୁଖ ଉପଢୌକନ ଓ ଫୁଲତୋଡ଼ା ଦେଇ ନବ ନିର୍ବାଚିତ ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଭାଜପା ନେତା ତନ୍ମୟ କୁମାର ସାହୁଙ୍କ ସଞ୍ଚାଳନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସମସ୍ତ ଭାଜପା କର୍ମୀ ସହଯୋଗ କରିଥିଲେ।

# ବିଡିସିଙ୍ଗ କପ୍ ଉଦ୍‌ଯାପିତ: ଜରଡ଼ା ଚାମ୍ପିୟନ

ବଇଣ୍ଡା, ୧୬।୬(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା ଠାକୁରଗଡ଼ ଥାନା ବିଡିସିଙ୍ଗ ଗ୍ରାମ ଖେଳ ପଡିଆ ଠାରେ ଚାଲିଥିବା ବିଡିସିଙ୍ଗ କପ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଠାକୁରଗଡ଼ କ୍ରିକେଟ କ୍ଲବକୁ ହରାଇ ଜରଡ଼ା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ଜରଡ଼ା ବ୍ୟାଟିଂ କରି ୧୨୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଠାକୁରଗଡ଼ ୧୦୦ ରନ୍ କରି ପରାଜୟ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରତିରଞ୍ଜନ ରାଉତ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିରେନ ପ୍ରଧାନ, ସୁଜିତ ସାହୁ, ପ୍ରଦୀପ ସାହୁ, ଚନ୍ଦନ ନନ୍ଦ, ଦିପୁ ପ୍ରଧାନ, ସିପୁନ ସାହୁ ଯୋଗ ଦେଇଥିଲେ। ସ୍ୱାଧୀନ ପ୍ରଧାନ, ଟିକୁ ବେହେରା ପରିଚାଳନା କରିଥିଲେ।

# ୧୨ ଘଣ୍ଟା ଧରି ଅନ୍ଧାରରେ ପାଲଲହଡା

**କାଳବୈଶାଖୀରେ ଭାଙ୍ଗିଲା ବିଦ୍ୟୁତ୍ ଟାୱାର**

ପାଲଲହଡା, ୧୬।୬(ଦିବ୍ୟଜ୍ୟୋତି ଦାଶ)



ଅନୁଗୋଳ ଜିଲା ପାଲଲହଡାରେ ଶନିବାର ସନ୍ଧ୍ୟାରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ଫଳରେ ୧୨ଘଣ୍ଟା ପାଇଁ ପାଲଲହଡାକୁ ବିଦ୍ୟୁତ୍ ଯୋଗାଣ ଠପ୍ ହୋଇଯାଇଥିଲା।

ସୂଚନା ଅନୁସାରେ, ପାଲଲହଡାକୁ ସଂଯୋଗ କରୁଥିବା ୩୩ କେ.ଭି ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଲାଇନ ଦେବଗଡ଼ ଜିଲା ବାରକୋଟ ଗ୍ରୀଡ ଏବଂ ଅନୁଗୋଳ ଜିଲା ରେଙ୍ଗାଳିରୁ ଆସିଛି। ପୂର୍ବରୁ କେବଳ ରେଙ୍ଗାଳିରୁ ବିଦ୍ୟୁତ୍ ସଂଯୋଗ ଥିବାବେଳେ ତତ୍କାଳୀନ ପାଲଲହଡା ବିଧାୟକ ରବିନାରାୟଣ ପାଣିଙ୍କ ପ୍ରଚେଷ୍ଟାରେ ବାରକୋଟରୁ ସଂଯୋଗ ଦିଆଯାଇଥିଲା। ମାତ୍ର ବ୍ରାହ୍ମଣୀ ନଦୀର ଦୁଇ କୂଳରେ ନିର୍ମିତ ଟାୱାର ଦୁଇଟି ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଥିବାରୁ ବର୍ଷା ଦିନେ ବିଦ୍ୟୁତ୍ ତାର ପାଣିରେ ଲାଗିଯାଉଥିଲା। ଯାହାକୁ ପୂର୍ବତନ ବିଧାୟକ ମୁକେଶ ପାଲଙ୍କ ପ୍ରଚେଷ୍ଟାରେ ଅଧିକ ଉଚ୍ଚତା ବିଶିଷ୍ଟ କରାଯାଇଥିଲା। ଫଳରେ ପାଲଲହଡାବାସୀ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇପାରୁ ଥିଲେ। ମାତ୍ର ଶନିବାର କାଳବୈଶାଖୀ ତାଣ୍ଡବରେ ବାରକୋଟଠାରେ ଥିବା ସୁଉଚ୍ଚ ବିଦ୍ୟୁତ୍ ଟାୱାରଟି ଭାଙ୍ଗି ଯାଇଥିଲା। ଫଳରେ ପାଲଲହଡ଼ାକୁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟପଟେ ରେଙ୍ଗାଳି ଗ୍ରୀଡର ସଂଯୋଗରେ ମଧ୍ୟ ବିଭ୍ରାଟ ଥିବାରୁ ବିଦ୍ୟୁତ୍ ଯୋଗାଣ ସମ୍ଭବ ହୋଇପାରି ନ ଥିଲା। ରେଙ୍ଗାଳି ଗ୍ରୀଡର ସଂଯୋଗକୁ ରବିବାର ବିଦ୍ୟୁତ୍ ବିଭାଗ ଦିନତମାମ ଲାଗି ସଜାଡିବା ପରେ ସନ୍ଧ୍ୟାରେ ପାଲଲହଡାବାସୀ ବିଦ୍ୟୁତ୍ ସେବା ପାଇପାରିଥିଲେ।

# ଖମାର ମେଡ଼ିକାଲ ପରିଦର୍ଶନ କଲେ ବିଧାୟକ



ଖମାର, ୧୬।୬(ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରବିବାର ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ପରିଦର୍ଶନ କରିଛନ୍ତି। ପ୍ରଥମେ ବିଧାୟକ ଖାମାର ମେଡିକାଲରେ ପହଞ୍ଚି ମେଡିକାଲ ଦାୟିତ୍ୱରେ ଥିବା ଡାକ୍ତର ଶଶିକାନ୍ତ ବେହେରାଙ୍କ ସହିତ ଆଲୋଚନା କରିଥିଲେ। ପରେ ମେଡ଼ିକାଲର ବିଭିନ୍ନ ବିଭାଗ ବୁଲି ରୋଗୀମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଖମାର ମେଡିକାଲ ଉପରେ ଆଖପାଖ ଅଞ୍ଚଳ ସହିତ ପଡୋଶୀ ଜିଲା ଦେବଗଡ଼, ଢେଙ୍କାନାଳ ଓ କେନ୍ଦୁଝରର ବାସିନ୍ଦାମାନେ ନିର୍ଭର କରନ୍ତି। କିନ୍ତୁ ବହୁ ବର୍ଷ ହେବ ଏହି ମେଡିକାଲଟି ଅବହେଳିତ ହୋଇପଡ଼ିଛି। ସବୁ ପ୍ରକାର ସୁବିଧା ଥିବା ସତ୍ତ୍ୱେ ଅଞ୍ଚଳବାସୀ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଆସୁଥିଲା। ମେଡିକାଲରେ ଅଚଳ ହୋଇପଡ଼ିଥିବା ଏକ୍ସରେ, ବ୍ଲଡ୍ ବ୍ୟାଙ୍କ, ଆବଶ୍ୟକ ଥିବା ଡାକ୍ତର, ବ୍ୟବଚ୍ଛେଦ ଗୃହ ସମେତ ମୌଳିକ ସୁବିଧା ଯୋଗାଇ ଦେବାକୁ ଆଗାମୀ ଦିନରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

# ପରିତ୍ୟକ୍ତ କୂଅରୁ ମା' ଓ ଛୁଆ ହାତୀ ଉଦ୍ଧାର

- ଖାଦ୍ୟ ସଂଗ୍ରହ ପାଇଁ ଆସି ଖସିପଡିଲେ
- ୫ ଘଣ୍ଟା ପରିଶ୍ରମ ପରେ ହେଲେ ଉଦ୍ଧାର
- ହାତୀ ଉପରେ ତୀକ୍ଷ୍ଣ ନଜର ରଖିଛି ବନବିଭାଗ

ଛେଣ୍ଡିପଦା, ୧୬।୬(ଅଜିତ ଧଳ)





ଅନୁଗୋଳ ଜିଲା ଜରପଡା ବନାଞ୍ଚଳ ଲେମ୍ବୁ ତଇଳାର ଏକ ପରିତ୍ୟକ୍ତ କୂଅରେ ଖସି ପଡ଼ିଥିବା ମା' ଓ ଛୁଆ ହାତୀକୁ ରବିବାର ବନବିଭାଗ କର୍ମଚରୀମାନେ ଉଦ୍ଧାର କରିଛନ୍ତି। ଦୀର୍ଘ ୫ ଘଣ୍ଟା ପରିଶ୍ରମ ପରେ ଉଭୟ ମା' ଓ ଛୁଆ ହାତୀକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ଜଣାପଡିଛି।

ବନ ବିଭାଗ ସୂତ୍ରରୁ ପ୍ରକାଶ, ଜରପଡା ବନାଞ୍ଚଳ ଲେମ୍ବୁତଇଳା ବିଟ୍ ଅଧୀନସ୍ତ ଜରପଡା ବନାଞ୍ଚଳ ଅନ୍ତୁଳିଆ-ତାବଡା ଜଙ୍ଗଲରେ ଏକ ୯ ଟିକିଆ ହାତୀପଲ ଖାଦ୍ୟ ସଂଗ୍ରହ ପାଇଁ ବୁଲୁଥିବାବେଳେ ଶନିବାର ବିଳମ୍ବିତ ରାତିରେ ଓଗୀ ଗ୍ରାମର ସହଦେବ ସାହୁଙ୍କ ଲେମ୍ବୁ ତଇଳା ବଗିଚାରେ ଥିବା ଏକ ପରିତ୍ୟକ୍ତ ଖୋଲା କୂଅରେ ମା' ଓ ଛୁଆ ହାତୀ ପଡିଯାଇଥିଲେ। ଖବରପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ ମଧ୍ୟ ନିକଟରେ ହାତୀପଲ ଥିବାରୁ ସମ୍ଭବ ହୋଇ ନ ଥିଲା। ପରେ ବନାଞ୍ଚଳ ଅଧିକାରୀ ମାଧବାନନ୍ଦ ନାଏକ ଓ ଫରେଷ୍ଟର ଶ୍ରୀନିବାସ ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ହାତୀ ୨ଟିକୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ଯୋଜନା କରାଯାଇଥିଲା। ସକାଳେ ବନବିଭାଗ ପକ୍ଷରୁ ପ୍ରଥମେ ମା' ଓ ଛୁଆ ହାତୀକୁ ପାଣି, କଦଳୀ ଗଛ ଆଦି ଖାଦ୍ୟ ଦିଆଯାଇଥିଲା। ଏହାପରେ ଜେସିବି ମେଶିନ ସହାୟତାରେ କୂଅର ଗୋଟିଏ ପାର୍ଶ୍ୱ ଖୋଳାଯାଇ ପ୍ରଥମେ ସୁରକ୍ଷିତ ଭାବେ ମା' ହାତୀକୁ ଉଦ୍ଧାର କରାଯାଇଥିଲା। ଏହାର କିଛି ସମୟ ପରେ ବନବିଭାଗ ଛୁଆ ହାତୀକୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଏହାପରେ ଉଭୟ ମା' ଓ ଛୁଆ ହାତୀ ଅନ୍ତୁଳିଆ-ତାବଡା ଜଙ୍ଗଲ ଅଭିମୁଖେ ପଳାଇ ଯାଇଥିଲେ। ଉଦ୍ଧାର ପରେ ବନବିଭାଗ କର୍ମଚାରୀମାନେ ହାତୀପଲ ଗତିବିଧି ଉପରେ ନଜର ରଖିଛନ୍ତି।

## ସଂକ୍ଷେପରେ

### ବାର୍‌ହା ଶିକାର ଅଭିଯୋଗ: ଜଣେ ଗିରଫ



ଭୁବନ,୧୬।୬(ବିପିନ ବିହାରୀ ସେଠୀ)

ବାର୍‌ହା ଶିକାର କରିବା ଅଭିଯୋଗରେ ଭୁବନ ବନବିଭାଗ ରବିବାର ସକାଳେ ବାଉଶକଣ ଗ୍ରାମ ମାଟିଆ ସାହିର ପ୍ରହଲ୍ଲାଦ ପ୍ରଧାନ (୬୦)ଙ୍କୁ ଗିରଫ କରିଛି। ଏଥିସହ ମୃତ ବାର୍‌ହାକୁ ବନ ବିଭାଗ ଜବତ କରିଛି।

ବନ ବିଭାଗ ସୂତ୍ରରୁ ପ୍ରକାଶ, ପ୍ରହଲ୍ଲାଦ ଭୁବନ ନିକଟସ୍ଥ ଭାରତୀ ପାହାଡ଼ ଅଞ୍ଚଳରୁ ଏକ ବାର୍‌ହା ଶିକାର କରି ଘରକୁ ଆଣୁଥିବାବେଳେ ଖବରପାଇ ଭୁବନ ରେଞ୍ଜର ରାକେଶ କୁମାର ଦଳେଇ, ଫରେଷ୍ଟର କଳ୍ପନା ବେହେରାଙ୍କ ସମେତ ବନ କର୍ମଚାରୀ ଚଢାଉ କରିଥିଲେ। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ପ୍ରଚାର ପ୍ରସାରଠାରୁ ବହୁ ଦୂରରେ ପ୍ରାଚୀନ ନାଗନାଥେଶ୍ୱର ପୀଠ

ଢେଙ୍କାନାଳ,୧୬।୬(ରତନ ନାୟାର)

ଶୈବ ଉପାସନାର ଏକ ସମୃଦ୍ଧ ଜିଲା ଭାବେ ଢେଙ୍କାନାଳର ସ୍ୱତନ୍ତ୍ର ପରିଚୟ ରହିଛି। ପ୍ରାଚୀନ ତଥା ପ୍ରସିଦ୍ଧ ଶୈବପୀଠ କପିଳାସକୁ ବାଦଦେଲେ ଜିଲାରେ ଏମିତି ଆହୁରି ଅନେକ ପ୍ରାଚୀନ ଶୈବପୀଠ ରହିଛି, ଯାହାକି ପ୍ରଚାର ପ୍ରସାର ଅଭାବରୁ ଲୋକ ଲୋଚନ ଅନ୍ତରାଳରେ ରହିଯାଇଛି। ସେହିଭଳି ଏକ ଶୈବପୀଠ ହେଉଛି ଢେଙ୍କାନାଳ ସଦର ବ୍ଲକ ବଣସିଂହ ପଞ୍ଚାୟତ ବ୍ରାହ୍ମଣୀ ନଦୀ କୂଳରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ନାଗନାଥେଶ୍ୱର ଶୈବପୀଠ। ଯାହାକି ପ୍ରଚାର ପ୍ରସାରଠାରୁ ବହୁ ଦୂରରେ ରହିଛି। ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗବଂଶୀୟ ରାଜା ତୃତୀୟ ଅନଙ୍ଗ ଭୀମଦେବ ଏହି ମନ୍ଦିରର ନିର୍ମାତା ବୋଲି କିଛି ଐତିହାସିକ ମତବ୍ୟକ୍ତ କରନ୍ତି। କପିଳାସ ମନ୍ଦିରରେ ଥିବା ଦଧିନଉତୀ ଶିଳାଲେଖାରେ ନାଗେନା ବିଷୟରେ ଉଲ୍ଲେଖ ଥିବା ଯୋଗୁ ଏହା କପିଳାସ ମନ୍ଦିରଠାରୁ ପ୍ରାଚୀନ ବୋଲି ଜଣାପଡିଛି। ରବିବାର ଢେଙ୍କାନାଳ ଐତହ୍ୟ ପଦଯାତ୍ରାର ୪ର୍ଥ ସଂସ୍କରଣରେ ଐତିହ୍ୟ




ପ୍ରାଚୀନ ନାଗନାଥେଶ୍ୱର ପୀଠରେ ପହଞ୍ଚିଥିବା ଐତିହ୍ୟ ପଦଯାତ୍ରୀ ଦଳ।

ପଦଯାତ୍ରୀମାନେ ଢେଙ୍କାନାଳ ସହରଠାରୁ ୨୦କିଲୋମିଟର ଦୂରରେ ଥିବା ପ୍ରାଚୀନ ତଥା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କହୁଥିବା ନାଗନାଥେଶ୍ୱର ଶୈବପୀଠ ପରଦର୍ଶନ କରି ଏହାର ଐତିହାସିକ ତଥ୍ୟ ସଂଗ୍ରହ କରିଥିଲେ। ନାଗନାଥେଶ୍ୱର ଶୈବପୀଠ ନିକଟରେ ବ୍ରାହ୍ମଣୀ ନଦୀ ଉତ୍ତରବାହୀ ହୋଇଥିବାରୁ ଏହାକୁ ଉତ୍କଳର ଗଙ୍ଗା ସ୍ୱରୁପ ବୋଲି ଐତିହାସିକମାନେ ମତବ୍ୟକ୍ତ କରନ୍ତି। ମନ୍ଦିରଟି ୪୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ରେଖ ଦେଉଳ। ଏହାର ମୁଖଶାଳା ସପ୍ତରଥ ଶୈଳୀରେ ନିର୍ମିତ ହୋଇଛି। ମନ୍ଦିରର ଦକ୍ଷିଣ ଓ ଉତ୍ତର ବାଡରେ ଖୋଦିତ ଦୁଇଟି ରାଜାଙ୍କ ପ୍ରତିମୂର୍ତ୍ତି ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ଗୋଟିଏ ମୂର୍ତ୍ତିରେ ସିଂହାସନରେ ବସିଥିବା ଜଣେ ରାଜା, କୌଣସି ଜଣେ ରାଜ ସେବକଙ୍କୁ ମାଳା ପ୍ରଦାନ କରୁଥିବାବେଳେ ଅନ୍ୟ ମୂର୍ତ୍ତିରେ ଖଣ୍ଡା ଧରିଥିବା ରାଜା ଏକ ଯୁଦ୍ଧ ଶିବିରରେ ଅସ୍ତ୍ରଶସ୍ତ୍ରଧାରୀ ଯୋଦ୍ଧାମାନଙ୍କୁ କିଛି ପରାମର୍ଶ ଦେଉଥିବା ଦୃଶ୍ୟ ରହିଛି।

ପଦଯାତ୍ରୀ ମାନେ ପୀଠରେ ପହଞ୍ଚିବା ପରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। କମିଟି ସଭାପତି ସୁଦାମ ଚରଣ ବେହେରା, ଅଶୋକ ପଣ୍ଡା, ଟୁଲୁ ପାଣି ଓ ଅନ୍ୟାନ୍ୟ ସଦସ୍ୟମାନେ ପଦଯାତ୍ରୀମାନଙ୍କୁ ମନ୍ଦିରର ଇତିହାସ, ପରମ୍ପରା ଏବଂ ପୂଜାପାର୍ବଣ ସମ୍ପର୍କରେ ସୂଚନା ଦେଇଥିଲେ। ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ବିପିନ ବିହାରୀ ପାଣି, ବିଶ୍ୱରଞ୍ଜନ ଦେହୁରୀ, ରାଜୀବ ମାହୁନ୍ତ, ସବ୍ୟସାଚୀ ପାଣି, ଅକ୍ଷୟ ପାତ୍ର, ଶାନ୍ତନୁ ନାୟକ, ସୁନିତା ମହାପାତ୍ର, ପ୍ରଶନ୍ନ ପଟ୍ଟନାୟକ, ଶିଶିର କୁମାର ଶତପଥୀ, ପ୍ରଶାନ୍ତ ତ୍ରିପାଠୀ, ନାରାୟଣ ପଟ୍ଟନାୟକ, ଜନ୍ମେଜୟ ରାଉତ, ରମେଶଚନ୍ଦ୍ର ପତି, ମଳୟ ରଞ୍ଜନ ପତି, ପୀୟୁଷ ଅଗ୍ରୱାଲ, ଆଦିତ୍ୟ ମିଶ୍ର, ଦେବେନ୍ଦ୍ର ମାହୁନ୍ତ, ବଦ୍ରିନାଥ ଜେନା, ବିଶ୍ୱଜିତ ଶତପଥୀ, ଦୀପକ ଭୋଇ, ଶିବପ୍ରସାଦ ସାହୁ, ଦୀପକ ମିଶ୍ରଙ୍କ ସମେତ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବହୁ ଛାତ୍ର ଏହି ପଦଯାତ୍ରାରେ ଭାଗ ନେଇଥିଲେ।

## ପ୍ରେମ କରି ନିରାଶ ହେବା ପରେ ଯୁବତୀଙ୍କ ଆତ୍ମହତ୍ୟା

ଭୁବନ,୧୬।୬(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମ କରି ଜଣେ ଯୁବତୀ ନିରାଶ ହେବା ପରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଥାନା ଅଞ୍ଚଳର ଜଣେ ଯୁବକଙ୍କ ସହ ସମ୍ପୃକ୍ତା ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ବିବାହ ପାଇଁ ଉଭୟ ପରିବାର ପକ୍ଷରୁ ସ୍ଥିର ହୋଇଥିଲା। ତେବେ ପରେ କୌଣସି କାରଣରୁ ବିବାହ ବିଚ୍ଛେଦ ହୋଇ ଯାଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ଯୁବତୀ ଜଣକ ଆତ୍ମହତ୍ୟା କରିଥିବା ତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରପାଇ ଭୁବନ ପୋଲିସ ଓ ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛନ୍ତି। ଏ ସଂକ୍ରାନ୍ତରେ ଭୁବନ ଥାନାଧିକାରୀ ମନସ୍ୱିନୀ ମହାନ୍ତି କହିଛନ୍ତି, ଏହି ଘଟଣାରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ।

# ଆଲୋଚନା ମାଧ୍ୟମରେ ହେବ ସମସ୍ୟାର ସମାଧାନ

**ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଭେଟିଲେ ଓଷ୍ଟା ସଂଘ କର୍ମକର୍ତ୍ତା**

ଢେଙ୍କାନାଳ,୧୬।୬(ରତନ ନାୟାର)

ଢେଙ୍କାନାଳ ଜିଲାର ଓଷ୍ଟା ସଂଘର କର୍ମକର୍ତ୍ତାମାନେ ରବିବାର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ତଥା ଢେଙ୍କାନାଳ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ତାଙ୍କ ସମିଲିଆସ୍ଥିତ ନିଜସ୍ୱ ବାସଭବନରେ ଭେଟିଥିଲେ। ଏହିଅବସରରେ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ କହିଥିଲେ, ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ। ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କୁ କିଭଳି ପେନ୍‌ସନଭୁକ୍ତ କରାଯିବ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ସମସ୍ୟାର ସମାଧାନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିବା



ଓଷ୍ଟା ସଂଘର କର୍ମକର୍ତ୍ତାମାନେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

ଓଷ୍ଟା ସଂଘ ପକ୍ଷରୁ କୁହାଯାଇଛି। ଏହି ସାକ୍ଷାତ ଆଲୋଚନାରେ ଜିଲା ଓଷ୍ଟା ସଂଘ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ପାଦକ ବିଭୂତି ସାମଲ, ରାଜ୍ୟ ସଂଘ ଉପସଭାପତି ହେମନ୍ତ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ ରାୟ, ସୁବାସଚନ୍ଦ୍ର ସାହୁ, ଗଁଦିଆ ବ୍ଲକ ସଭାପତି ମୁରଲିଧର ସାହୁ, ସଦର ବ୍ଲକ ସମ୍ପାଦକ ଲିଙ୍ଗରାଜ ବେହେରା, ହିନ୍ଦୋଳ ବ୍ଲକ ସମ୍ପାଦକ ତପନ କୁମାର ସାମଲ, ଉପଦେଷ୍ଟା ସରୋଜକାନ୍ତ ଦାସ, ସଦାନନ୍ଦ ପାଢୀ ଓ ଗିରିଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଠାକୁରମୁଣ୍ଡା,୧୬।୬(ତାରାକାନ୍ତ ପଟ୍ଟନାୟକ)

କରଞ୍ଜିଆ-ଠାକୁରମୁଣ୍ଡା ରାସ୍ତାର ଅସନବଣି ନିକଟରେ ଶନିବାର ରାତିରେ ଦୁର୍ଘଟଣାରେ ଜଣେ ବାଇକ୍ ଚଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କେନ୍ଦୁଜିଆଣି ପଞ୍ଚାୟତ ପାଢ଼ିଆର ସାହିର ରାମଚନ୍ଦ୍ର ଗଗରାଇଙ୍କ ପୁଅ ରାଜୁ (୨୫)।

ସୂଚନା ଅନୁଯାୟୀ କରଞ୍ଜିଆରୁ କାମ ସାରି ବାଇକ୍ ଯୋଗେ ରାଜୁ ଘରକୁ ଫେରୁଥିବା ବେଳେ ରାତି ପ୍ରାୟ ୧୦ଟା ସମୟରେ ଅସନବଣି ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଯୋରନ୍ଦା ବରିଷ୍ଠ ନାଗରିକ ଗୃହରେ ରଜ ଉତ୍ସବ



ଯୋରନ୍ଦା ବରିଷ୍ଠ ନାଗରିକ ଗୃହରେ ରଜ ଉତ୍ସବ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

ଢେଙ୍କାନାଳ,୧୬।୬(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଯୋରନ୍ଦା ବରିଷ୍ଠ ନାଗରିକ ଗୃହରେ ଶୁକ୍ରବାର ରଜ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋରନ୍ଦା ପଞ୍ଚାୟତ ସମିତିସଭ୍ୟ ପ୍ରତ୍ୟୁଷହରି ପ୍ରଧାନ ଯୋଗଦେଇ ପୋଡପିଠା କାଟି ବରିଷ୍ଠ ନାଗରିକ ଗୃହର ଅନ୍ତେବାସୀଙ୍କୁ ବଣ୍ଟନ କରିଥିଲେ। ବରିଷ୍ଠ ନାଗରିକ ଗୃହର ପରିଚାଳକ ବିଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କ୍ଷୀରୋଦ କୁମାର ସାମଲ, ଖବରଦାତା ଆନନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଅନ୍ତେବାସୀମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ଏଥିସହିତ ଓଡିଆ ପରମ୍ପରାରେ ରଜ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଗୃହର ଅନ୍ତେବାସୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହର୍ଷି ଦୟାନନ୍ଦ ସର୍ଭିସ ମିଶନର କର୍ମକର୍ତ୍ତା ବିଜୟ ପ୍ରଧାନ, ବିଜୟ ସାହୁ, ରାଜେଶ ପରିଡା ଓ ରଶ୍ମିତା ନାଥ ପ୍ରମୁଖ ପରିଚାଳନା କରିଥିଲେ।

# ବଜରଙ୍ଗ କ୍ଲବ୍ ପକ୍ଷରୁ ୧୦୮ ୟୁନିଟ୍ ରକ୍ତ ସଂଗୃହୀତ



**ବଜରଙ୍ଗ କ୍ଲବ ପକ୍ଷରୁ ରକ୍ତଦାନ ଶିବିର**

ଢେଙ୍କାନାଳ,୧୬।୬(ରତନ ନାୟାର)

ବିଶ୍ୱ ରକ୍ତଦାତା ଦିବସ ଅବସରେ ଢେଙ୍କାନାଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବ୍ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଭୁବନେଶ୍ୱରସ୍ଥିତ ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍‌ରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନେକ୍ସସ୍ ଏସ୍‌ପ୍ଲାନେଡ୍‌ର କେନ୍ଦ୍ର ନିର୍ଦ୍ଦେଶକ ପାର୍ଥପ୍ରତିମ ନାୟକ, ସମ୍ମାନିତ ଅତିଥି ଭାବେ ଡ. କପିଲ୍ ଭାଟିଆ, ଡ. ପ୍ରତୀକ୍ ଜେନା, ହାସ୍ୟ ଅଭିନେତା ଗୁଡ୍ଡୁ, ଛାତ୍ର ନେତା ରକି ଦାସ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୦୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସମସ୍ତ ରକ୍ତଦାତାମାନଙ୍କୁ କଳିଙ୍ଗ ହସ୍‌ପିଟାଲ୍ ଭୁବନେଶ୍ୱର ତରଫରୁ ପ୍ରିଭିଲେଜ୍ କାର୍ଡ ଓ ସେଣ୍ଟର ଫର୍ ସାଇଟ୍ ହସ୍‌ପିଟାଲ୍ ତରଫରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ନିମନ୍ତେ କୁପନ୍ ଓ ବଜରଙ୍ଗ କ୍ଲବ୍ ତରଫରୁ ସ୍ୱତନ୍ତ୍ର ଉପହାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଶିବିର ବଜରଙ୍ଗ କ୍ଲବ୍‌ର ୩୨ତମ ଶିବିର ହୋଇଥିବାବେଳେ ଜିଲା ବାହାରେ ଏହା ପ୍ରଥମ ରକ୍ତଦାନ ଶିବିର। ଶିବିରରେ ଟେକ୍ନିସିଆନ୍ ପରମାନନ୍ଦ ପଣ୍ଡା, ଆଟେଣ୍ଡାଣ୍ଟ ବରୁଣ ସାହୁ, ତପନ ଜେନା, ଦୁର୍ଯ୍ୟୋଧନ ସେନାପତି ପ୍ରମୁଖ ପରିଚାଳନା କରିଥିଲେ। ବଜରଙ୍ଗ କ୍ଲବ୍‌ର ସହ-ସମ୍ପାଦକ ରୋଜେଶ୍ ପରିଡା, ଦେବାଶିଷ ନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ଶଶିଭୂଷଣ ପରିଡା, କୃଷ୍ଣଚନ୍ଦ୍ର ନାୟକ, ରାଜେଶ ବେହେରା, କ୍ଲବ୍‌ର ସଦସ୍ୟ ଶୁଭମ୍ ଗୁରୁଙ୍ଗ୍, ଆଶୁତୋଷ କର, ରବିନ୍ଦ୍ର ସୋନି, ସିଦ୍ଧାର୍ଥପ୍ରୀତମ୍ ମହାନ୍ତି, ପ୍ରବୀଣ ସାହୁ, ସନତ୍ ମିଶ୍ର, ମୋହନ ସୁନ୍ଦର ବାରିକ, ଶିବଦତ ସ୍ୱାଇଁ, ଜ୍ୟୋତି ପ୍ରକାଶ ବେହେରା, ସୂର୍ଯ୍ୟକାନ୍ତ ବେହେରା, ବିଶ୍ୱଜିତ୍ ବେହେରା, ରାକେଶ କୁମାର, ସନ୍ଦୀପ ଷଡଙ୍ଗୀ, ପ୍ରୀତିରଞ୍ଜନ ପାଣି, ଦେବାଶିଷ୍ ମହାପାତ୍ର, ରାଜେନ୍ଦ୍ର ମହାପାତ୍ର, ସଞ୍ଜୟ ବେହେରା, ଜିତେନ୍ଦ୍ର ବେହେରା, ଅଶ୍ୱିନୀ ବେହେରା, ପ୍ରତୀକ ନାୟକ, ଆଲୋକ ପ୍ରସାଦ ମହାପାତ୍ର ଓ ନିହାର ପ୍ରସାଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହିଭଳି ଜିଲା ବାହାରେ ମଧ୍ୟ ରକ୍ତଦାନ ଶିବିର ଆଗକୁ ଜାରି ରହିବ ବୋଲି କ୍ଲବ୍‌ର ସଭାପତି ପ୍ରକାଶ କରିଛନ୍ତି।

# ମାଳପୁରା ରଜ ମହୋତ୍ସବ ଉଦ୍‌ଯାପିତ




କାମାକ୍ଷାନଗର,୧୬।୬(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ମାଳପୁରାଠାରେ ଚାଲିଥିବା ତୃତୀୟ ବାର୍ଷିକ ମାଳପୁରା ରଜ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ସାମାଜିକ କର୍ମୀ ଜିତେନ୍ଦ୍ରିୟ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ ଇଂ ମନୋରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପବିତ୍ରମୋହନ ରାଉତ, ପ୍ରଦୀପ୍ତ ସାହୁ ଏବଂ ପ୍ରୀତିରଞ୍ଜନ ବିଶ୍ୱାଳ ଯୋଗଦେଇ ରଜ ମହୋତ୍ସବର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଝୋଟି, ମୁରୁଜ, ଚିତ୍ରାଙ୍କନ, ମ୍ୟୁଜିକ୍ ଚେୟାର, ନୃତ୍ୟ, ସଙ୍ଗୀତ, ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମରେନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ପ୍ରଦ୍ୟୁମ୍ନ କିଶୋର ବିଶ୍ୱାଳ, ପ୍ରଣବ ରଞ୍ଜନ ରାଉତ, ସୁନିଲ ସାହୁ, ଗିରିଶ ଚନ୍ଦ୍ର ଦାସ, ପ୍ରସନ୍ନ ବିଶ୍ୱାଳ, ସୂର୍ଯ୍ୟନାରାୟଣ ବିଶ୍ୱାଳ, ସ୍ମୃତିରଞ୍ଜନ ରାଉତ, ସୂର୍ଯ୍ୟକାନ୍ତ ସାହୁ, ରାଜେଶ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# କପିଳାସ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ଭିଡ଼



କପିଳାସ ପ୍ରାଣୀ ଉଦ୍ୟାନରେ ହରିଣ (ଫାଇଲ ଫଟୋ)

ଢେଙ୍କାନାଳ,୧୬।୬(ରତନ ନାୟାର)

ଓଡ଼ିଶାର ପାରମ୍ପରିକ ପର୍ବ ରଜଉତ୍ସବ ଅବସରରେ ୩ଦିନ ଧରି ଢେଙ୍କାନାଳ ଜିଲାର କପିଳାସସ୍ଥିତ ପ୍ରସିଦ୍ଧ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଢେଙ୍କାନାଳ ଜିଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ କପିଳାସ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ମହାଦେବଙ୍କୁ ଦର୍ଶନ କରିବା ସହ କପିଳାସ ପର୍ବତ ମାଳାର ପାଦଦେଶରେ ଥିବା ପ୍ରାଣୀ ଉଦ୍ୟାନ ବୁଲି ଦେଖିଥିଲେ। ପର୍ଯ୍ୟଟକମାନେ ପ୍ରାଣୀ ଉଦ୍ୟାନରେ ଥିବା ବିଭିନ୍ନ ପ୍ରକାର ଫୁଲ ବଗିଚା ବୁଲିବା ସହ ବିଭିନ୍ନ ପ୍ରଜାତିର ହରିଣ, ସମ୍ବର, ଭାଲୁ, କୁମ୍ଭୀର, ମିଥୁନ ଗାଈ, ସାପ, ଠେକୁଆ, ବିଭିନ୍ନ ପ୍ରଜାତିର ପକ୍ଷୀ ଓ ହାତୀମାନଙ୍କୁ ବୁଲି ଦେଖିଥିଲେ। ପ୍ରଥମ ଦିବସରେ ଶୁକ୍ରବାର ୪୫୦୦, ଦ୍ୱିତୀୟ ଦିବସରେ ୨୩୫୦ ଓ ରବିବାର ପ୍ରାୟ ୨୦୦୦ ପର୍ଯ୍ୟଟକ ପ୍ରାଣୀ ଉଦ୍ୟାନ ବୁଲିଥିଲେ। ଏହି ଅବସରରେ କପିଳାସ ପ୍ରାଣୀ ଉଦ୍ୟାନରେ ପ୍ରାୟ ୧ଲକ୍ଷ ୬୦ହଜାର ଟଙ୍କାର ଟିକେଟ୍ ବିକ୍ରି ହୋଇଥିବା କପିଳାସ ରେଞ୍ଜର ତରୁଣ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

# ପିସିସି ସଭାପତିଙ୍କୁ ହଟାଇବା ଦାବିରେ ବିକ୍ଷୋଭ

**କଂଗ୍ରେସ ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଅସନ୍ତୋଷ**

ଢେଙ୍କାନାଳ,୧୬।୬(ରତନ ନାୟାର)

ସାଧାରଣ ନିର୍ବାଚନରେ ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀ ସମେତ ରାଜ୍ୟରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ ନିଜର ସମର୍ଥକଙ୍କ ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାର ପ୍ରତିବାଦରେ ସେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ହଟାଇବା ଦାବିରେ ନିଜ ସମର୍ଥକଙ୍କ ସମେତ ଢେଙ୍କାନାଳ ଜିଲା କଂଗ୍ରେସ କାର୍ଯ୍ୟାଳୟ ତଥା ଗାନ୍ଧୀମନ୍ଦିରଠାରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହିତ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ।

ଶିଳ୍ପୀଶ୍ରୀ ଅଭିଯୋଗ କରିଛନ୍ତି, ଚଳିତ ନିର୍ବାଚନରେ ଓଡିଶାରେ କଂଗ୍ରେସର ୪୫ରୁ ଉର୍ଦ୍ଧ୍ୱ ବିଧାୟକ ବିଜୟୀ ହୋଇଥାନ୍ତେ। କିନ୍ତୁ ପିସିସି ସଭାପତି ବିଜେଡି ଓ ଭାଜପା




ପିସିସି ସଭାପତିଙ୍କୁ ହଟାଇବା ଦାବିରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସହ ହାତ ମିଳାଇ କଂଗ୍ରେସର କ୍ଷତି କରିଥିବା ଶିଳ୍ପୀଶ୍ରୀ ଅଭିଯୋଗ କରିଛନ୍ତି। ଓଡିଶାରେ ୮୦ ଜଣ କଂଗ୍ରେସ ବିଧାୟକ ପ୍ରାର୍ଥୀ ଓ ୧୨ଜଣ ଏମ୍‌ପି ପ୍ରାର୍ଥୀଙ୍କୁ ଟଙ୍କାଟିଏ ଦଳୀୟ ଫଣ୍ଡ ଦିଆଗଲା ନାହିଁ। ଏଥିସହିତ ବ୍ୟାନର ପୋଷ୍ଟର ମଧ୍ୟ ପ୍ରଦାନ କରାଗଲା ନାହିଁ। ପିସିସି ସଭାପତି ଫୋନ ଉଠାଇଲେ ନାହିଁ। ତେଣୁ କଂଗ୍ରେସର ଫଳାଫଳ ନୈରାଶ୍ୟଜନକ ହେଲା ବୋଲି ଶିଳ୍ପୀଶ୍ରୀ ଅଭିଯୋଗ କରିଛନ୍ତି। ସେହିପରି ନିଜ ଦୋଷ ଲୁଚାଇବାକୁ ଯାଇ କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କୁ ଦଳରୁ ବହିଷ୍କାର କରାଗଲା। ମାନସ ଦଳ ପାଇଁ ଏକ ଆସେଟ୍ ଥିବାବେଳେ ତାଙ୍କ ବହିଷ୍କାର ନିଷ୍ପତ୍ତି ଏକ ଦଳ ବିରୋଧୀ। ତୁରନ୍ତ ତାଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର କରିବାକୁ ଶିଳ୍ପୀଶ୍ରୀ ଦାବି କରିଥିଲେ। ଏହି ବିକ୍ଷୋଭରେ ଜିଲା ସାଧାରଣ ସମ୍ପାଦକ ମହମ୍ମଦ ସମୀରଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

